ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ସଦର ବ୍ରାଞ୍ଚ କୋଠା ବିପଦସଙ୍କୁଳ

ଆସିକା,୩୦।୧୨(ଅନୁପମ ମିଡ଼ିଆ): ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ସଦର ଶାଖା ବସଷ୍ଟାଣ୍ଡ ନିକଟରେ ଥିବା ଏମପିସିଏସର ବିପଦସଂକୁଳ ଅବସ୍ଥାରେ ଥିବା ଏକ କୋଠାରେ ଚାଲୁଥିବା ଦେଖିବାକୁ ମିଳିଛି । ସର୍ବ ପୁରାତନ ସମବାୟ ନଗରୀ ରୂପେ ପରିଚିତ ଏହି ସମବାୟ ବ୍ୟାଙ୍କର ସଦର ଶାଖା କାର୍ଯ୍ୟାଳୟ ୧୯୮୦ ମସିହାରୁ କାର୍ଯ୍ୟକାରୀ ହେଉଛି । ସଦର ଶାଖା କାର୍ଯ୍ୟାଳୟ ଅଧୀନରେ ୨୦ ଗୋଟି ସେବା ସମିତି କାର୍ଯ୍ୟ କରୁଛି । ଆସିକା ବ୍ଲକର ନୂଆଗାଁ, ବଡଖୋଲି, ବରଗାଁ, ବେଣାପାଟ, ଦେବଭୂମି, ମଙ୍ଗଳପୁର, ନିମିନା, ଜଗଦଳପୁର, ଗୁଣ୍ଡପଡା, ଘଟକୁରୀ, ହରିଡ଼ାପଦର, ଖଣ୍ଡଦେଉଳି, ନଳବଣ୍ଟା, କାଳଷଣ୍ଡପୁର, ପାଣ୍ଡିଆପଥର, ଧନିଯା, ଗହଙ୍ଗୁ, ମୁନିଗାଡ଼ି, ବାଲିସିରା ଏବଂ ଆସ୍କା ସେବା ସମିତିର ପ୍ରାୟ ୦୭ରୁ ୦୮ ହଜାର ଚାଷୀ ମାନଙ୍କ କାର୍ଯ୍ୟ କରାଯାଉଛି । ପ୍ରତି ବର୍ଷର ରବି ଫସଲ ସମୟରେ ୨୨ କୋଟି ଏବଂ ଖରିଫ ଋତୁରେ ୨୨ କୋଟି ଟଙ୍କାର ନେଣଦେଣ ହୋଇଥାଏ । ଏହି ସଦର ଶାଖା କାର୍ଯ୍ୟାଳୟ ଅଧୀନରେ ଜଣେ ବ୍ୟାଙ୍କର ଶାଖା ପରିଚାଳକ, କ୍ୟାସିଅର, ଜଣେ ହିସାବ ରକ୍ଷକ, ଜଣେ ଡାଟା ଏଣ୍ଟ୍ରି ଅପେରଟର କାର୍ଯ୍ୟକରୁଛନ୍ତି । ଏହି ସଦର ଶାଖା କାର୍ଯ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ନାହିଁ । ଅଫିସ ଷ୍ଟାଫ ଓ ଚାଷୀ ମାନେ ଆସିଲେ ମଧ୍ୟ ଶୌଚାଳୟ ଯିବା ପାଇଁ କୌଣସି ପ୍ରକାରର ଅନୁସଙ୍ଗିକ ସୁବିଧା ସୁଯୋଗ ନାହିଁ ବୋଲି ବହୁ ଲୋକ ଅଭିଯୋଗ କରୁଛନ୍ତି । ପୁରାତନ ଏହି କୋଠାରୁ କାମ କରୁଥିବା ସମୟରେ ଛାତରୁ ପଲସ୍ତରା ଖସି କର୍ମଚାରୀ ଏବଂ ଚାଷୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏହି ବିପଦ ସଂକୁଳ କୋଠା ସମ୍ପର୍କରେ ବହୁମୁଖୀ ସମବାୟ ସେବା ସମିତିର ସମ୍ପାଦକ ଅଲେଖ ନାଥଙ୍କୁ ପଚାରିବାରୁ ତାଙ୍କ ଅଫିସ ତରଫରୁ ଏହି ସଦର ଶାଖା ଖାଲି କରିବାକୁ ନୋଟିସ ପ୍ରଦାନ କରାଯାଇଛି । ଅଳ୍ପ ଦିନ ମଧ୍ୟରେ ଖାଲି କରିବାକୁ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି । ଅପରପକ୍ଷେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ପାଦକ ସହ ଯୋଗାଯୋଗ କରିବାକୁ ଚେଷ୍ଟ କରିଥିଲେ ମଧ୍ୟ ସମ୍ଭବପର ହୋଇ ନଥିଲା । କେନ୍ଦ୍ରୀୟ ବ୍ୟାଙ୍କ ଦୀର୍ଘ ବର୍ଷ ପୂର୍ବରୁ ବହୁମୁଖୀ ସମବାୟ ସେବା ସମିତିକୁ ପ୍ରାୟ ୧କୋଟି ୯୬ ଲକ୍ଷ ଋଣ ଦେଇଥିଲା । ସେହି ଋଣର ସୁଧ ବାବଦକୁ କୁଆଡେ ଏହି ସଦର ଶାଖା ଭଡା ସୂତ୍ରରେ ଏମପିସିଏସ ଦେଇଥିବା କେତେ ସମବାୟ ପ୍ରେମୀ ଠାରୁ ଶୁଣିବାକୁ ମିଳୁଛି । ମୂଳଧନ ଫେରସ୍ତ କିମ୍ବା ଋଣ ପରିଶୋଧ ଦିଗରେ କେହି ଆଗ୍ରହ ଦେଖା ଦେଉନଥିଲା ବେଳେ ଏମପିସିଏସର ମଧ୍ୟ ଘର ଭଡା ବାବଦକୁ ଲକ୍ଷାଧିକ ଟଙ୍କା ବାକି ଥିବା ମଧ୍ୟ ଶୁଣିବାକୁ ମିଳୁଛି । ଏଭଳି ବକେୟା ଟଙ୍କାର ବିବାଦ ନିମନ୍ତେ ଏକ ବିପଦ ସଂକୁଳ କୋଠାରେ କେନ୍ଦ୍ରୀୟ ବ୍ୟାଙ୍କର ସଦର ବ୍ରାଞ୍ଚ କେତେ ଦିନ ଚାଲିବ ଦେଖିବାକୁ ରହିଲା । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସମବାୟବିତ ଦାବି କରୁଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ଶେରଗଡରେ ବିପୁଳ ସମ୍ବର୍ଦ୍ଧନା

ଶେରଗଡ,୩୦।୧୨(ଅନୁପମ ମିଡିଆ): ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ଓ ପୁର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ହିଞ୍ଜିଳି ର୍ନିବାଚନ ମଣ୍ଡଳୀର ଶେରଗଡ ବ୍ଲକ ସହିତ ଗଞ୍ଜାମ ଜିଲ୍ଲାର ଆସ୍କା, କବିସୂର୍ଯ୍ୟ ନଗର ଆଦି ବ୍ଲକର ଖରିଫ ଧାନ ଫସଲରେ କ୍ଷତି ଗ୍ରସ୍ତ ଚାଷୀମାନଙ୍କୁ ସାକ୍ଷାତ କରି ଚାଷୀଙ୍କ କ୍ଷତି ଫସଲ ବୁଲି ଦେଖି ଥିଲେ । ପୂର୍ବାହ୍ନ ୧୧ଘଣ୍ଟା ସମୟରେ ନବୀନ ପଟ୍ଟନାୟକ ଶେରଗଡ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ନିକଟ ଖେଳ ପଡିଆର ହେଲିପେଡରେ ପହଞ୍ଚିଥିଲେ । ମୁଖ୍ୟମନ୍ତ୍ରୀ ଭାବରେ ଦୀର୍ଘ ଚବିଶ ବର୍ଷ ଶାସନ କରି ବର୍ତ୍ତମାନ ବିରୋଧୀ ଦଳ ନେତା ଭାବରେ ଶେରଗଡ ବ୍ଲକ ଗ୍ରସ୍ତ ସମୟେ ଜନ ସମୁଦ୍ର ମଧ୍ୟରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ହେଲିପେଡରେ ଅବତରଣ ସମୟେ ଗଞ୍ଜାମ ଜିଲ୍ଲା ବିଜେଡି ଉପସଭାପତି ହୃଷୀକେଶ ପାଢ଼ୀ, ଆତ୍ମା ଅଧକ୍ଷ ରଞ୍ଜନ କୁମାର ସେଠୀ, ପୁର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବବି ସାହୁ, ରଞ୍ଜିତା ସାହୁ, ଡିଆର୍‌ଡିଏ ଅଧକ୍ଷ ଅଞ୍ଜଳି ସ୍ବାଇଁ, ଚ୍ୟାଉ ପଟ୍ଟନାୟକ, ବିକ୍ରମ କେଶରୀ ପଣ୍ଡା, ସୁବାସ ଚନ୍ଦ୍ର ମହାରଣା, ସଂଘମିତ୍ରା ଦଳେଇ ସୁଲକ୍ଷଣା ଦେବୀ , ଯୁବ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଙ୍କ ସମେତ ବହୁ ନେତୃ ମଣ୍ଡଳୀ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ । ଅଦିନିଆ ବର୍ଷାରେ କ୍ଷତି ଗ୍ରସ୍ତ ଚାଷୀମାନଙ୍କୁ ଭେଟି ହାତରେ ଧରିିବା କେଣ୍ଡା କେଣ୍ଡା ଗଜା ଧାନ ଫସଲ ଦେଖି ବିରୋଧୀଦଳ ନେତା ଭାବରେ ଚାଷୀ ମାନଙ୍କୁ ତୁରନ୍ତ କ୍ଷତି ପୂରଣ ପ୍ରଦାନ ନିମନ୍ତେ ଦାବୀ ଉପସ୍ଥାପନ କରିବା ପାଇଁ ଦୃଢ ପ୍ରତିଶ୍ରୁତି ଦେଇ ଥିଲେ । ବରିଷ୍ଠ ନେତାମାନେ ,ହୃଷୀକେଶ ପାଢ଼ୀ, ମାଧବ ଚନ୍ଦ୍ର ପଣ୍ଡା, ବାସୁଦେବ ସ୍ବାଇଁ, ଶରତ ଚନ୍ଦ୍ର ପାତ୍ର, ବିଧାୟକ ଙ୍କ ପ୍ରତନିଧି ଦିଗାମ୍ବର ନାହାକ, ଆତ୍ମା ଅଧକ୍ଷ ରଞ୍ଜନ କୁମାର ସେଠୀ ,ଶିବରାମ ପାଣିଗ୍ରାହୀଙ୍କ ସମେତ ବହୁ ସରପଞ୍ଚ ସମିତି ସଭ୍ୟ ଓ ମହିଳା ଉପସ୍ଥିତ ଥିଲେ । ସେଠାରୁ ବିଧାୟକ ତା କରଡ଼ା, ଧବଳପୁର, ଧନନ୍ତର୍, ଗୋବିନ୍ଦପୁର ଠାରେ ସରପଞ୍ଚ କୁନି ସ୍ବାଇଁଙ୍କ ନେତୃତ୍ୱରେ ବହୁ ମହିଳା ଉପସ୍ଥିତ ରହି ଶଙ୍ଖ, ହୁଳ ହୁଳୀ ଶବ୍ଦରେ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଅଭି ନନ୍ଦନ ଜଣାଇ ଚାଷୀ ମାନେ ନିଜ ନିଜର ଦୁଃଖ ଜଣାଇ ଥିଲେ । ବିଧାୟକ ଙ୍କ ସହିତ ଯାଉ ଥିବା ତହସିଲଦାର ଓ ବିଡିଓ ଙ୍କୁ ଚାଷୀ ମାନଙ୍କ କ୍ଷୟକ୍ଷତି ସଠିକ୍ ଆକଳନ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଉପଦେଶ ଦେଇ ଥିଲେ ।

ମଣ୍ଡିରେ ଧାନ ରଖିବାକୁ ଗୋଦାମ ନାହିଁ ତାର୍ପୋଲିନ୍ ଭରସା

ଛତ୍ରପୁର ,୩୦।୧୨(ଅନୁପମ ମିଡିଆ) : ବର୍ଷ ତମାମ ନିରବ ବସିଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ମଣ୍ଡି ଖୋଲିବା ସମୟ ଆସିଲେ ଗୋଦମ ଚିନ୍ତା ଘାରୁଛି ' କିନ୍ତୁ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇପାରିନି ଭାତହାଣ୍ଡିରୁ ଗୋଟିଏ ଚିପିବା ନ୍ୟାୟରେ ଛତ୍ରପୁର ବ୍ଲକ୍ ଭିକାରି ପଲ୍ଲୀ ପଞ୍ଚାୟତର ସାମନ୍ତରାପୁରସ୍ଥିତ ରାଧାକୃଷ୍ଣ ସେବା ସମିତିର କଥା ବିଚାରରେ ନେଲେ ଚଳିତ ଖରିଫଋତୁରେ ଗୋଟିଏ ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ଧାନ କିଣିବାକୁ ନିଷ୍ପତ୍ତି ନିଆଯାଇଛି । ଚଳିତବର୍ଷ ୫ଶହରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକିବାକୁ ନାମ ପଞ୍ଜିକରଣ କରିଛନ୍ତି ଏହି ସମବାୟ ସମିତି.୭ଗୋଟି ଗ୍ରାମକୁ ନେଇ ଗଠିତ ସାମନ୍ତରାପୁର' ବ୍ରାହ୍ମଣିଆ ପଲ୍ଲୀ 'ଭିକାରି ପଲ୍ଲୀ' କେଉଁଟ ପଲ୍ଲୀ ''ଗୋଲାପଲ୍ଲୀ' ଦନାଇ ବ୍ରହ୍ମପୁର' ଓ ସନ୍ଦରପୁର ପଞ୍ଚାୟତର ଶିଖର ପଲ୍ଲୀ ଗ୍ରାମ କୁ ନେଇ ଗଠିତ ଗତବର୍ଷ ଚାଷୀମାନେ ନିଜ ଜମିରୁ ଅମଳ ଧାନକୁ ସିଧାସଳଖ ମିଲରକୁ ବିକ୍ରି କରିପାରୁଥିଲେ । କିନ୍ତୁ ଚଳିତ ବର୍ଷ ଚାଷୀଙ୍କ ଧାନକୁ ମଣ୍ଡିକୁ ଅଣାଯିବା ପରେ ସେଠାରେ ଓଜନ ସହ ମାନ ନିର୍ଦ୍ଧାରଣ କରିବାପରେ ମିଲ୍ କୁ ପଠାଇ ଦିଆଯିବ ଛ ତେବେ ଚାଷୀଙ୍କରଧାନ କେଉଁଠି ରହିବ'ବର୍ତ୍ତମାନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏହି ଚିନ୍ତା ଘାରିଛି । ରାଧାକୃଷ୍ଣ ସେବା ସମବାୟ ସମିତିର ନିଜସ୍ ଗୋଦାମଗୃହ ନାହିଁ । ଫଳରେ ସ୍ୱୟଂ ସହାୟିକା ଗୋଷ୍ଠୀ ତାର୍ପୋଲିନ୍ ଘୋଡାଇ ଅସ୍ଥାୟୀଘର ନିର୍ମାଣ କରିଥିବା ଦେଖିବାକୁ ମିଳିଛି । ଯଥା ଶୀଘ୍ର ଏହିରାଧାକୃଷ୍ଣ ସେବା ସମବାୟ ସମିତିର ସ୍ଥାୟୀ ଗୋଦାମ ଗୃହ ନିର୍ମାଣ ପାଇଁ ନାଗରିକ ମଞ୍ଚ ସଭାପତି ସନ୍ତୋଷ ରଥ ଦାବୀ କରିଛନ୍ତି, ଏନେଇ ରଥ ପ୍ରେସ ରିଲିଜ ମାଧ୍ୟମରେ ଜଣାଇଛନ୍ତି ।

ଉଦ୍ୟାନ ବିଭାଗ ପକ୍ଷରୁ ଏସଏଚଜି ମହିଳାଙ୍କୁ ପ୍ଲାଷ୍ଟିକ ଝୁଡ଼ି ବଣ୍ଟନ

ଫିରିଙ୍ଗିଆ,୩୦।୧୨(ଅନୁପମ ମିଡିଆ): ଫିରିଙ୍ଗିଆ ବ୍ଲକ ମିଶନଶକ୍ତି ଗୃହ ରେ ଉଦ୍ୟାନ ବିଭାଗ ଦ୍ୱାରା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ପ୍ଲାଷ୍ଟିକ ଝୁଡି ବଣ୍ଟନ କରା ଯାଇଛି । ଚଳିତ ୨୪-୨୫ ମସିହା ପାଇଁ ଫିରିଙ୍ଗିଆ ବ୍ଲକରେ ୨୪ଟି ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମାନଙ୍କୁ ପ୍ରତି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କ ମଧ୍ୟରେ ଗ୍ରୁପ୍ର ଅନ୍ୟୂନ ୪ ରୁ ୫ ଜଣକୁ ଏହି ପ୍ଲାଷ୍ଟିକ ଝୁଡି ବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି ।

ମହିଳା ମାନେ ନିଜ ବାଡ଼ିରେ ବିଭିନ୍ନ ପନିପରିବା ଚାଷ କରି ବଜାରରେ ବିକ୍ରିବଟା ପାଇଁ ନେବାକୁ ଅଖା ଓ ଅନ୍ୟାନ୍ୟ ଜିନିଷରେ ନେବାକୁ ଅସୁବିଧା ହେଉଥିବାରୁ ଏହି ପ୍ଲାଷ୍ଟିକ ଝୁଡି ସୁରକ୍ଷିତ ଭାବରେ ପରିବା ନେଇ ବିକ୍ରି ହୋଇ ପାରିବ ବୋଲି ମହିଳା ମାନେ କହିଛନ୍ତି ।

ଫିରିଙ୍ଗିଆ ବ୍ଲକକୁ ବର୍ତ୍ତମାନ ୨ ହଜାର ପ୍ଲାଷ୍ଟିକ ଝୁଡି ଆସିଥିବା ବେଳେ ବଣ୍ଟନ ଚାଲିଛି । ଆସନ୍ତା କାଲି ଏହା ସରିବ । ପୁଣି ଝୁଡି ଆସିବ ଓ ମହିଳା ମାନେ ନେଇ ପାରିବେ ବୋଲି ସୂଚନା ମିଳିଛି । ଏହି ବଣ୍ଟନ କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ଓଭରସର ବିଶ୍ୱଜିତ ସୁବୁଦ୍ଧି, ଉଦ୍ୟାନ ସାଥି ଗୋପୀନାଥ ଦିଗାଲ, ଉଦ୍ୟାନ ସାଥି ନୂତନ କହଁର ଉପସ୍ଥିତ ରହି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ପ୍ଲାଷ୍ଟିକ ଝୁଡି ବଣ୍ଟନ କରିଥିଲେ ।

କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତା

ଗଞ୍ଜାମ,୩୦।୧୨(ଅନୁପମ ମିଡ଼ିଆ): ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଗଞ୍ଜାମ ସହର ସ୍ଥିତ ମିନି ଷ୍ଟାଡିୟମ ରେ କ୍ଲଷ୍ଟର ସ୍ତରୀୟ କ୍ରୀଡା ସମାବେଶ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗ୍‌ଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳକ ନିର୍ଦ୍ଦେଶିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ଲଷ୍ଟରର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଯୁବକ ଓ ଯୁବତୀ ଖେଳାଳି ଯୋଗଦେଇ ତାଏକୋଣ୍ଡ, କବାଡି, ଫୁଟବଲ,ସ୍ଲୋ ସାଇକେଲ, ବ୍ୟାଡ଼ମିଣ୍ଟନ ଓ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଉଦ୍‌ଯାପନୀ ସମାବେଶର ମୁଖ୍ୟ ଅତିଥିଭାବେ ଭାବେ ନେହେରୁ ଯୁବକେନ୍ଦ୍ର ଜିଲ୍ଲା ସଂଯୋଜକ ଅକ୍ଷର ଭାସ୍କର ନିପାଣେ, ଅଧ୍ୟାପକ ଗିରିଶ କୁମାର ଆଚାର୍ଯ୍ୟ, ଶିକ୍ଷକ ହର୍ଷ ବର୍ଦ୍ଧନ ରଣା, ସାମ୍ବାଦିକ ସୁଧୀର କୁମାର ନାହାକ, ଭରସାର ସମ୍ପାଦକ ଦୁର୍ଗା ମାଧବ ପାଣିଗ୍ରାହି,ବଟକୃଷ୍ଣ ରାଉଳ ପ୍ରମୁଖ ଗଣ ମାଧ୍ୟମ ପ୍ରତିନିଧି ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରିଥିଲେ । ଅନୁଷ୍ଠାନ ଉପସଭାପତି ରାକେଶ କୁମାର ନାୟକ, ସହ ସମ୍ପାଦକ ସୁଦର୍ଶନ ପାଢ଼ୀ, ମହାପ୍ରସାଦ ମହାପାତ୍ର, ସୁନିଲ କୁମାର ବେହେରା, ରାଧାରମଣ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ । ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ସମ୍ପାଦକ ବିଦ୍ୟାଧର ସାହୁ, କୋଷାଧକ୍ଷ ପ୍ରଦୀପ କୁମାର ପଣ୍ଡା,ସମ୍ବାଦିକ ମିଥୁନ ବାରିକି ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ।

ବରିଷ୍ଠ ନାଗରିକଙ୍କ ଦ୍ୱିତୀୟ ବାର୍ଷିକ ଅଧିବେଶନ

ଆସିକା,୩୦।୧୨(ଅନୁପମ ମିଡ଼ିଆ): ଆସିକା ବାଣୀବିହାର ନିକଟସ୍ଥ ଚିଟିବିନୋଦନ କେନ୍ଦ୍ର ଠାରେ ବରିଷ୍ଠ ନାଗରିକ ମାନଙ୍କ ୦୨ୟ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଆସ୍କା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗଣେଶ ରଥଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଜିଲ୍ଲା ସଭାପତି ଡାକ୍ତର ଇନ୍ଦୁ ଭୂଷଣ ପଟ୍ଟନାୟକ, ବିଜୁ ପଟ୍ଟନାୟକ ସିନିଅର ସିଟିଜନ ସମ୍ପାଦକ ସିମାଞ୍ଚଳ ବିଷୋୟୀ, କାର୍ଯ୍ୟକାରୀ ସଭାପତି ବିରୁପାକ୍ଷ ଦାସ, ଉପସଭାପତି ନବୀନ କୁମାର ପଟ୍ଟନାୟକ, ବେଲଗୁଣ୍ଠା ଅଭିମନ୍ୟୁ ପଟ୍ଟନାୟକ, କୋଦଳା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର, ବୁଗୁଡ଼ା ପ୍ରକାଶ ଚନ୍ଦ୍ର ରଥ, କୁକୁଡ଼ାଖଣ୍ଡି ଏ. ସନ୍ୟାସୀ,ଏ. ଚିନ୍ତାମଣି, ଅଜିତ ପଟନାୟକ, ଗୋପୀନାଥ ଦାସ, ଭବାନୀ ଶଙ୍କର ରଥ, ପୀତବାସ ମୁନି,ପ୍ରମୁଖ ଉପସ୍ଥିତ ଥିଲେ । ଆସ୍କା ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ ବନମାଳୀ ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଗତ ଦୁଇ ବର୍ଷ ହେଲା ବରିଷ୍ଠ ନାଗରିକ ମାନଙ୍କ ପକ୍ଷରୁ ବିଚାର ବିଭାଗୀୟ, ଜାତୀୟ କରଣ ବ୍ୟାଙ୍କ ମାନଙ୍କ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏଥି ସହିତ ବିଭିନ୍ନ ପର୍ବପର୍ବାଣୀ, ଜାତୀୟତା ଦିବସ, ଏବଂ କଲେଜ ଓ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପୂଜା, ପୁରାଣ ପାଠ ପଠନ, ରାମ ଚରିତ୍ର ମାନସ, ଭାଗବତ ବିଷୟ ଅଧ୍ୟୟନ ହୋଇଥାଏ । ବରିଷ୍ଠ ନାଗରିକ ମାନଙ୍କ ଚିତ୍ତ ବିନୋଦନ କେନ୍ଦ୍ରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ପୂର୍ବତନ ବିଧାୟକଙ୍କ ଆର୍ଥିକ ସହାୟତାରୁ କିଛି କିଛି ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଛି । ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ସବୁ ଠାରେ ସ୍ୱତନ୍ତ୍ର ପ୍ରାଥମିକତା ରୂପେ ସୁବିଧା ସୁଯୋଗ ପ୍ରଦାନ, ସବୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାର ଏକ ପ୍ରକାର ପେନସନ ର ବ୍ୟବସ୍ଥା କରିବାକୁ ଦାବି କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପୀତବାସ ମହାପାତ୍ର, ଉଦୟନାଥ ପାଢ଼ୀ, ବିଜୟ ଜେନା, କୈଳାସ ଆଚାର୍ଯ୍ୟ ସମେତ ବହୁ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

କିଶାନ ମଜଦୂର ସଭା ପକ୍ଷରୁ ଦାବିପତ୍ର

ଦିଗପହଣ୍ଡି ,୩୦।୧୨ (ଅନୁପମମିଡିଆ): ସର୍ବ ଭାରତୀୟ କୃଷକ ଓ କୃଷି ଶ୍ରମିକ ସଂଗଠନ ଅଖିଳ ଭାରତ କିଶାନ ମଜଦୂର ସଭା

ଦିଗପହଣ୍ଡି ବ୍ଲକ ଶାଖା ପକ୍ଷରୁ ସୋମବାର ଦିନ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏନେଇ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର ଓ କୋଟିନଡା ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷୀ , ଭାଗଚାଷୀ ଓ ଆଦିବାସୀ ମାନେ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ୭ ଦଫା ଦାବି ପୂରଣ ନେଇ ତହସିଲଦାର ଅନୀତା ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଚାଷୀଙ୍କ ବିଲରେ ପାଣି ଜମି ରହିଥିଲା ।

ଏପରିକି ଚାଷୀଙ୍କ କଟା ଧାନ ପାଣିରେ ବୁଡ଼ି ରହିବା ଦ୍ୱାରା ଧାନରେ ଗଜା ବାହାରି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଯାହାଫଳରେ ପରିବାର ପ୍ରତିପୋଷଣ ନିମନ୍ତେ ଚିନ୍ତାଗ୍ରସ୍ତ ଚାଷୀମାନେ ଫସଲ କ୍ଷତିର ଆକଳନ ସମୟରେ ରିଲିଫ କୋଡର ମାନଦଣ୍ଡକୁ କୋହଳ କରିବା ଏବଂ ଜମିରେ କଟା ହୋଇ ଗଦା ହୋଇଥିବା ଫସଲକୁ ମଧ୍ୟ ଆକଳନ କରି ଚାଷୀଙ୍କୁ ଏକର ପିଛା ୨୫ ହଜାର ଟଙ୍କା ଓ ପନିପରିବା ନିମନ୍ତେ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବା,ଧାନର ଏଫଏକ୍ୟୁ ମାନ ଛାଡ କରିବା , କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରିବା , ରବି ଫସଲ ସକାଶେ ଚାଷୀଙ୍କୁ ମାଗଣା ବିହନ ପ୍ରଦାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଛଏହି ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଚାଷୀ ନାରାୟଣ ବିଷୋୟୀ , ଲଡୁ ଡାକୁଆ , ଦଣ୍ଡପାଣି ଗୌଡ , ମୁନା ଗୌଡ , ଭଗବାନ ସାହୁ , ଟୁଲୁ ଜେନାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ ।

AFFIDAVIT

I Smt. Mamajini Dikhit aged about 26 years, W/o- Sri Kali Charan Dikhit, D/o Sri Basanta Padhi Residing At-N.Gopinathapur, Po/P.S-Polasara, District- Ganjam, (Odisha) do hereby declared That, Before my Marriage myself known as Mamajini Padhi, D/o Basanta Kumar Padhi, of vill-Madhusudanpur, Ps-Polasara, Ganjam odisha. I got married to one Kali Charan Dikhit, At/Po-Polasara, P.S-Polasara, District -Ganjam Hence forth from that day myself became Smt.Mamajini Dikhit, W/o- Sri Kali Charan Dikhit In all accession.before my marriage i have Commenced a Bank Pass book Vide account No-32506286975 at S.B.I Polasara Branch, where in my name is recorded as Mamajini Padhi, D/o Basanta Padhi and my adhhar card vide No-3598 3739 2209 where in my name was recorded as Mama Dikhit W/o Kali Charan Dikhit instead of Mamajini Dikhit, W/o- Sri Kali Charan Dikhit. That both my name Mamajini Padhi, D/o Basanta Padhi and Mama Dikhit W/o Kali Charan Dikhit is one and same person there is no such other person in our locality in such name and such title except myself.

ଗରିବର ବନ୍ଧୁ ସଙ୍ଗଠନର ମାସିକ ବୈଠକ

ପୋଲସରା,୩୦।୧୨(ଅନୁପମ ମିଡିଆ): ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ରାଣିପଡ଼ା ମହାଦେବ ଲଙ୍ଗଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗରିବର ବନ୍ଧୁ ସଙ୍ଗଠନର ସଭାପତି ସୁବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ ମାସିକ ବୈଠକ ଅନୁଷ୍ଠିତ ହୋଇଥଲା। ଉକ୍ତ ବୈଠକରେ ଅସିତ୍ କୁମାର ନନ୍ଦ ଅଧକ୍ଷତା କରିଥିଲେ।

ଉକ୍ତ ବୈଠକରେ ବରିଷ୍ଠ ସାମାଜିକ କର୍ମୀ ତଥା ଗବେଷକ ଓ ସଙ୍ଗଠନର ଉପଦେଷ୍ଟା ଡ.କୁମୁଦଚନ୍ଦ୍ର ବେହେରା, ଏକ୍ସ ଆର୍ମି ଭଗବାନ ମହାରଣା, ଉପଦେଷ୍ଟା ଗୋପାଳକୃଷ୍ଣ ସାହୁ, ସହ ସମ୍ପାଦକ ଶ୍ରଦ୍ଧା ପ୍ରଧାନ, କୋଷାଧକ୍ଷ ବୁଲୁ ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଗରିବର ବନ୍ଧୁ ସଙ୍ଗଠନ ଉପରେ ଆଲୋକପାତ କରିବା ସହିତ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆସନ୍ତା ୫ ତାରିଖ ରବିବାର ଦିନ ଗରିବର ସାହାରା ଟ୍ରଷ୍ଟ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ପାଇଁ ନିଷ୍ପତ୍ତି ହୋଇଥଲା। ଉକ୍ତ ବୈଠକରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ ମାନେ ସଙ୍ଗଠନର ମୂଳ ଲକ୍ଷ୍ୟକୁ ନେଇ ସମସ୍ତେ ଏକ ହୋଇ ସଙ୍ଗଠନକୁ ମଜବୁତ୍ କରିବା ପାଇଁ ନିଜ ନିଜର ମତ ପ୍ରଦାନ କରିଥିଲେ । ଉକ୍ତ ସମୟରେ

ସଂଗଠନର ଉପଦେଷ୍ଟା କାହ୍ନୁ ଚରଣ ସାମଲ , ଉପସଭାପତି ସତ୍ୟ ନାରାୟଣ ମହାରଣା, କାର୍ଯ୍ୟକାରୀ ସଭାପତି କୃତିବାସ ଗୌଡ, ସଦସ୍ୟ ଅଧୀର ସାହୁ, ପ୍ରଦିପ ପ୍ରଧାନ, ମନୁ ପ୍ରଧାନ, ସଞ୍ଜିବ ପାଣିଗ୍ରାହୀ, ଗୋପାଳକୃଷ୍ଣ ଡାକୁଆ, ମୁକୁନା ସାହୁ, ମିଲୁ ସାହୁ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଅନ୍ୟାନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଆସିକା ଏନଏସି ପକ୍ଷରୁ ଭତ୍ତା ବଣ୍ଟନ

ଆସିକା,୩୦।୧୨(ଅନୁପମ ମିଡିଆ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିଜସ୍ୱ କାର୍ଯ୍ୟାଳୟ ହତା ମଧ୍ୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିକା ନଗରପାଳିକା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଧାୟକ ସରୋଜ କୁମାର ପାଢ଼ୀ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ, ପୂର୍ବତନ ଏମପି ପ୍ରତିନିଧି ସତ୍ୟ ନାରାୟଣ ସ୍ୱାଇଁ ଉପସ୍ଥିତ ଥିଲେ । ଏନଏସିର ସୁମନ୍ତ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନଏସିର ୧୮ ଗୋଟି ୱାର୍ଡରୁ ମୋଟ ୮୪ ଜଣହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନରେ ସାମିଲ କରାଯାଇ ନଭେମ୍ବର ଓ ଡିସେମ୍ବର ଦୁଇ ମାସର ଭତ୍ତା ଟଙ୍କା ପ୍ରଦାନ କରାଯିବା। ବୁଧବାର ବିଧାୟକଙ୍କ ଦ୍ୱାରା ୩୪ ଜଣଙ୍କୁ ଦୁଇ ମାସର ବାର୍ଦ୍ଧକ୍ୟ ଭତ୍ତା ୦୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଗଲା । ଏହି ମଧୁ ବାବୁ ପେନସନ ଯୋଜନାରେ ସହର ର ୫୪ ଜଣ ବିଧବା, ୬ ଜଣ ଦିବ୍ୟାଙ୍ଗ,୫ ଜଣ ଅବିବାହିତ ଓ ୧୯ ଜଣ ବାର୍ଦ୍ଧକ୍ୟ ଙ୍କୁ ସାମିଲ କରାଯାଇଛି । ଏହି କାର୍ଯ୍ୟକ୍ରମରେ କାଉନସିଲର ସୁଜାତା ପରିଡା, ରୀନା ବେହେରା, ବାସନ୍ତୀ ପାତ୍ର, ଭାସ୍କର ବେହେରା, ମଦନ ମୋହନ ନାୟକ, ନିରଞ୍ଜନ ଜେନା, ସମେତ ବରିଷ୍ଠ ସ୍ୱଚ୍ଛ ପରିମଳ ଅଧିକାରୀ ଅଜିତ ପଟ୍ଟନାୟକ, ପରିମଳ ବିଶେଷଜ୍ଞ ଦୀପ୍ତିମୟୀ ସାହୁ, କିଶୋର ପାଣିଗ୍ରାହୀ, ଲକ୍ଷ୍ମୀ ସିଂ, ହରଜିତ ସାଥୁଆ, ଶୁଚିସ୍ମିତା ତ୍ରିପାଠୀ, ସୁମନ୍ତ କୁମାର ସେନାପତି, ଜଗନ୍ନାଥ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ ।

MCL | ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

''ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି । ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।''

R-5233

Office of the Executive Engineer
Road Construction Department,Road Division,Garhwa.

e-Procurement Notice
(Very Short Tender)

Tender Reference No. : RCD/GARHWA/1562/2024-25
Date:-28.12.2024

1.	Name of the work	Construction of one block (6 unit) C Type Quarter Building under Road Division, Garhwa
2.	Estimated Cost (Rs.)	Rs. 1,80,53,477.00 (One Crore Eighty Lac Fifty Three thousand Four hundred Seventy Seven) only.
3.	Bid Security (Amount)	Rs. 3,61,500.00 (Three Lacs Sixty One Thousand Five hundred) only.
4.	Time of Completion	06 Months.
5.	Date of Publication of Tender on website	31.12.2024 from 10.30 A.M.
6.	Last date/Time for receipt of bids	06.01.2025 Up to 12.00 Noon
7.	Name & address of office Inviting tender	Executive Engineer, RCD, Road Division, Garhwa
8.	Contact no. of Procurement officer	06561-295161
9.	Helpline number of e-Procurement cell	0651-2401010

Note :-(1)The Bid Amount & Bid security Amount may decrease or increase.
(2) Contractor registered under R.C.D Jharkhand and also registered in UCAN PORTEL can only participate in this tender.
Further details can be seen on website http://jharkhandtenders.gov.in

Executive Engineer,
Road Construction Department,
Road Division,Garhwa.

PR 343196 Road(24-25).D

ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଦିନିଆ ବର୍ଷା ଚାଷୀ ଓ ମତ୍ସ୍ୟଜୀବୀଙ୍କ ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ନେତା

ରମ୍ଭା ,୩୦।୧୨(ଅନୁପମ ମିଡିଆ): ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ଜିଲ୍ଲାପାଳ ଅଫିସ ଠାରେ ଚାଷୀ ଓ ପାରମ୍ପରିକ ମତ୍ସ୍ୟଜୀବିଙ୍କ ରମ୍ଭା ପାରିପାର୍ଶ୍ୱିକ ଅଞ୍ଚଳର ଅଦିନିଆ ବର୍ଷା ଅମଳ ଧାନ କ୍ଷତି ଘଟାଇବା ସହ ଚାଷୀର ଅଣ୍ଟା ଦୋହଲେଇ ଥିବା ବେଳେ ସମସ୍ୟା ଦୂର ହେବା ସମ୍ପର୍କରେ ମତ୍ସ୍ୟଜୀବୀ ନେତା ତଥା ବିଜେପି ଜିଲ୍ଲା ସଂପାଦକ ଭୀମସେନ ବେହେରା ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ତନ୍ମଧ୍ୟରୁ ଅଭାବ ଅସୁବିଧା ସମ୍ପର୍କରେ ଆଡ଼ିବନ୍ଧ ମାଧ୍ୟମରେ ଜଳ ସଂରକ୍ଷଣ,ବାହାଡ଼ା ପଲ୍ଲୀ ସତୁଶୋଳ ପାହାଡକୁ ସଂଯୋଗ, ଶୋ ବନ୍ଧ, ଘାଇ ବନ୍ଧ, ନନ୍ଦିଘର୍ (ମଧୁରୁଚୁଆ , ଡ଼ିଆଡ଼େଇ), ବିରୁଲିଗଡ, ପଣସଢି, ପାଲାଂଗ, ଝରେଡି, ସୀପକୁଦା, ତୁରୁତୁରୀ, କଂଟାପଡ଼ା ଓ ମିଂଚିନୀ ପାଟ ନା ରମ୍ଭା ଓ ଅନ୍ୟାନ୍ୟ ଅଞ୍ଚଳ, ଶୀତଳ ଭଣ୍ଡାର ନିର୍ମାଣ ସ୍ଥାପନ ସହିତ ପନିପରିବା ବଜାର ନିୟନ୍ତ୍ରଣ ନିମନ୍ତେ ଏକ ଉତ୍କୃଷ୍ଟ ବଜାର ସୃଷ୍ଟି ହୋଇପାରନ୍ତା ବୋଲି ଜଣାଇଥିଲେ । ବୋରୱେଲ୍ ରେ ଯଥେଷ୍ଟ ପରିମାଣରେ ନଥିବା ଯୋଗୁଁ ପାଣି ଯୋଗାଇ ପାରୁନାହିଁ । ସେହିଭଳି ପାରମ୍ପରିକ ମତ୍ସ୍ୟଜୀବି ଙ୍କ ଦଙ୍ଗା, ଜାଲ ଓ ମେସିନ ସହାୟତା,ଚିଲିକାରୁ ପଙ୍କ ଉଦ୍ଧାର, ମୁହାଣ ମୁହଁ ଖନନ, ଛୋଟ ଛୋଟ ଜାଆଁଳା କୁ ସୁରକ୍ଷା , ମତ୍ସ୍ୟ ସୈରଟ ଲିଜ୍ ଏଗ୍ରିମେଣ୍ଟ, ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟଜୀବି ଭତ୍ତା ୫୦ ବର୍ଷରୁ ଉର୍ଦ୍ଧ୍ୱ ଯେଉ ଭଳି ଅନ୍ୟ ରାଜ୍ୟରେ ପ୍ରଚଳିତ ହେଉଅଛି ସେହିଭଳି ଆମ ରାଜ୍ୟରେ (ପାଖା ପାଖି ୫୦୦୦ଟଙ୍କା) ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ । ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସହଯୋଗ କରି ଉପରୋକ୍ତ ସମସ୍ୟା ଉପରେ ଆଲୋକପାତ କରିବା ସହ ଦୃଷ୍ଟି ଗୋଚର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ ।

ଗଞ୍ଜାମ ଜିଲ୍ଲାର ସମସ୍ତ କୃଷକ ମାନଙ୍କୁ ପଞ୍ଜିକରଣ କରିବା ପାଇଁ ଅନୁରୋଧ

ଛତ୍ରପୁର,୩୦।୧୨(ଅନୁପମ ମିଡିଆ): ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆହୁରି ୭୨ଘଣ୍ଟା ବୃଦ୍ଧି । ଅଦିନିଆ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ଚାଷୀ ମାନଙ୍କର ଫସଲ କ୍ଷୟ କ୍ଷତି ହୋଇଛି । ଯେଉଁ ଚାଷୀଗଣ ବୀମାଭୁକ୍ତ ଓ ପ୍ରିମିୟମ ରାଶି ପ୍ରଦାନ କରୁଛନ୍ତି, ଚାଷର କ୍ଷୟ କ୍ଷତି ବାବଦ ସହାୟତା ରାଶି ପାଇବା ନିମନ୍ତେ ପଞ୍ଜିକରଣ କରାଇ ନାହାଁନ୍ତି ସେମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ ସେମାନେ ଟୋଲ ଫ୍ରି ଫୋନ ହେଲ୍ପଲାଇନ ନମ୍ବର ୧୪୪୪୭ ମାଧ୍ୟମରେ କିମ୍ବା ୭୦୬୫୫୧୪୪୪୭ କିମ୍ବା କୃଷି ରକ୍ଷକ ପୋର୍ଟାଲରେ ପଞ୍ଜିକରଣ କରାଇ ନିଅନ୍ତୁ । ଆସନ୍ତା ୨୦୨୫, ଜାନୁଆରୀ ୧ ତାରିଖ ପଞ୍ଜିକରଣ କରାଇବା ନିମନ୍ତେ ଶେଷ ତାରିଖ ଘୋଷଣା ହୋଇଛି । ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆହୁରି ୭୨ ଘଣ୍ଟା ବୃଦ୍ଧି କରିଛନ୍ତି । ଆସନ୍ତା ନବ ବର୍ଷ ପହିଲା ତାରିଖ ଦିନ ପଞ୍ଜିକରଣ କରାଇବା ନିମନ୍ତେ ଶେଷ ତାରିଖ ରହିଛି । ଶେଷ ସମୟ ଥିବାରୁ ଅନେକ ଚାଷୀ ହିହେଲ୍ପଲାଇନ ନମ୍ବରରେ ପଞ୍ଜୀକରଣ ବେଳେ ଅଧିକ ଚାପ ପଡୁଥିବା ଏବଂ ଦୁର୍ଗମ ଅଞ୍ଚଳରେ ନେଟୱାର୍କ ସମସ୍ୟା ଦେଖା ଦେଇଥିବା ହେତୁ ଏହି ସମୟସୀମା ବୃଦ୍ଧି ହୋଇଛି ।

ପିପୁଲ୍ସ କଲେଜରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନା ଚକ୍ର

ବୁଗୁଡା,୩୦।୧୨(ଅନୁପମ ମିଡ଼ିଆ): ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁରସ୍ଥ କିଟ୍ ୟୁନିଭରସିଟିର ପ୍ରଫେସର ହିମାଂଶୁ ଶେଖର ତ୍ରିପାଠୀ ଯୋଗ ଦେଇ ପାଠଚକ୍ରର ବିଷୟବସ୍ତୁ ଦି

ଲାଙ୍ଗୁଏଜ୍ ଅଫ୍ ସକସେସ୍ ମାଷ୍ଟରିଂ କମ୍ୟୁନିକେଟିଭ୍ ଇଙ୍ଗଲିସ୍ ଫର୍ ଏ ବେଟର ଫ୍ୟୁଚର ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ କୁମାର ଦାଶ, ପବିତ୍ର ଖଣ୍ଡୁଆଳ ଓ ଲୋକନାଥ ବେହେରା ପ୍ରମୁଖ ମଞ୍ଚାସୀନ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏ ଅବସରରେ ଛାତ୍ର ଅମର ନାୟକ ଓ ସଞ୍ଜୟ ନାୟକଙ୍କ ଦ୍ବାରା ଆଲୋଚନା ଚକ୍ରର ସନ୍ଦର୍ଭ ପାଠ କରାଯାଇଥିଲା। ଏଥି ସହ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ସ୍ବର୍ଗତ ମନମୋହନ ସିଂହଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା ବେଳେ ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଛାତ୍ରୀ ରେସ୍ମା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।